# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 4 July - 2024

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରସାର ପାଇଁ ଅନୁବାଦ ଏକାଡେମୀ ଗଠନ କରାଯିବ ବୋଲି କହିଲେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

- ରତ୍ନଭଣ୍ଡାର ଖୋଲାଯିବା ସମ୍ପର୍କରେ ପ୍ରଚାର ହେଉଥିବା ଗୁଜବକୁ ବିଶ୍ୱାସ ନ କରିବାକୁ ପରାମର୍ଶ ଦେଲେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

- ଭାରତୀୟ କୃଷି ଗବେଷଣା ପରିଷଦ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ କ୍ଷମତାସମ୍ପନ୍ନ କମିଟି ଗଞ୍ଜାମ ଜିଲ୍ଲା ଭେଜିପୁଟ ଗ୍ରାମରେ ଧାନଚାଷ ନେଇ କଲେ ସମୀକ୍ଷା

ଏବଂ

- ଶ୍ରୀମନ୍ଦିର ଅଣସର ଘରେ ଶ୍ରୀଜୀଉଙ୍କ ଘଣାଲାଗି ନୀତି ଅନୁଷ୍ଠିତ

## ମୁଖ୍ୟମନ୍ତ୍ରୀ-ଲୋକସେବା ଭବନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନସ୍ଥିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସରକାରୀ କାର୍ଯ୍ୟ ଆରମ୍ଭ କରିଛନ୍ତି। ଶପଥ ନେବା ପରେ ଶ୍ରୀ ମାଝୀ ରାଜ୍ୟ ଅତିଥିଭବନର ଅସ୍ଥାୟୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ। ଲୋକସେବା ଭବନ କାର୍ଯ୍ୟାଳୟରେ ୨ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟ ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ମାଝୀ କହିଛନ୍ତି, ସମସ୍ତ ସରକାରୀ କାଗଜପତ୍ର ଓଡ଼ିଆରେ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସାହିତ୍ୟ, ସଂଗୀତ, ନାଟକ ଓ ଲଳିତକଳା ଏହି ୩ଟି ଯାକ ଏକାଡେମୀର ପୁନର୍ଗଠନ ଓ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶୀ ଗବେଷଣା କେନ୍ଦ୍ରକୁ ମଧ୍ୟ କ୍ରିୟାଶୀଳ କରାଯିବା ସହ ଭାଷା କମିଶନ ଗଠନ ନେଇ ପଦକ୍ଷେପ ନିଆଯିବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସେହିଭଳି ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରସାର ପାଇଁ ଅନୁବାଦ ଏକାଡେମୀ ଗଠନ କରାଯିବ ବୋଲି ସେ କହିଛନ୍ତି।

ସରକାରୀ ସ୍ତରରେ ଓଡ଼ିଆ ଭାଷାର ବ୍ୟବହାରକୁ ବ୍ୟାପକ କରିବା ପାଇଁ ଆବଶ୍ୟକ ପଡିଲେ ସରକାରୀ ଭାଷା ଆଇନ୍‌ରେ ସଂଶୋଧନ କରାଯିବ ବୋଲି ସେ କହିଛନ୍ତି।

# - V/O -

ବରୁଣେଇଠାରେ ପାଇକ ଏକାଡେମୀ ଏବଂ ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ରାଜ୍ୟର ବିଭିନ୍ନ ଐତିହ୍ୟ ପୀଠର ବିକାଶ ପାଇଁ ଗୁରୁତ୍ୱ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମସ୍ତ କାର୍ଯ୍ୟ ଜନସାଧାରଣଙ୍କ ସହଯୋଗ, ସହଭାଗିତା ଏବଂ ପରାମର୍ଶରେ କରାଯିବ ବୋଲି ସେ କହିଛନ୍ତି। ସେ କହିଛନ୍ତି....

## ରତ୍ନଭଣ୍ଡାର

ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବା ନେଇ ଠିକ୍ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଏ ସମ୍ପର୍କରେ ରାଜ୍ୟବାସୀଙ୍କୁ ଯଥେଷ୍ଟ ପୂର୍ବରୁ ଅବଗତ କରାଯିବ ବୋଲି ସେ କହିଛନ୍ତି। ତେବେ ଏ ନେଇ କୌଣସି ପ୍ରକାର ଗୁଜବକୁ ବିଶ୍ୱାସ ନ କରିବାକୁ ସେ କହିଛନ୍ତି। ଶ୍ରୀ ହରିଚନ୍ଦନ କହିଛନ୍ତି, ଆସନ୍ତା ୮ ତାରିଖରେ ରତ୍ନଭଣ୍ଡାର ଖୋଲିବା ନେଇ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇନାହିଁ ବୋଲି ସେ କହିଛନ୍ତି।

ଅଳଙ୍କାର ଗଣତି ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ଅରିଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି। ଏହି ବୈଠକ ପରେ ରତ୍ନଭଣ୍ଡାର ଖୋଲାଯିବା ନେଇ ନିଷ୍ପତ୍ତି ହେବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

## ବିପର୍ଯ୍ୟୟ ପରିଚାଳନା ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକ ଅନୁଷ୍ଠିତ ହୋଇଛି। ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରେ ଶ୍ରୀ ମାଝୀଙ୍କର ଏହା ହେଉଛି ପ୍ରଥମ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକ। ଗତ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକର କାର୍ଯ୍ୟକାରିତା ନେଇ ମଧ୍ୟ ଆଜିର ବୈଠକରେ ଆଲୋଚନା ହୋଇଛି।

## ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଚିହ୍ନଟ ହୋଇଥିବା ୩୧ ଜଣ ହୃଦ୍‌ରୋଗୀଙ୍କୁ ମୁମ୍ବାଇର ଏସ୍.ଆର.ସି.ସି. ହସ୍‌ପିଟାଲକୁ ଅସ୍ତ୍ରୋପଚାର ପାଇଁ ପଠାଯାଇଛି। ବ୍ରହ୍ମପୁରଠାରୁ ରେଳ ଯୋଗେ ସେମାନେ ଗତକାଲି ମୁମ୍ବାଇ ଯାତ୍ରା କରିଛନ୍ତି। ଜିଲ୍ଲାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଦଳରେ ସମ୍ପୃକ୍ତ ଥିବା ଆୟୁଷ ଡାକ୍ତରଙ୍କ ଦ୍ୱାରା ଏହି ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା।

## ଧାନ ଚାଷ – ପରିଦର୍ଶନ

ଭାରତୀୟ କୃଷି ଗବେଷଣା ପରିଷଦ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ କ୍ଷମତାସମ୍ପନ୍ନ କମିଟି ଗଞ୍ଜାମ ଜିଲ୍ଲା ଖଲିକୋଟ ବ୍ଲକ୍ ଅନ୍ତର୍ଗତ ଭେଜିପୁଟ ଗ୍ରାମ ପରିଦର୍ଶନ କରିଛନ୍ତି। ପରିଷଦର ପୂର୍ବତନ ମହାନିର୍ଦ୍ଦେଶକ ତଥା ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର ପଞ୍ଜାବ ସିଂହଙ୍କ ନେତୃତ୍ୱରେ

ଗଠିତ ୧୦ ଜଣିଆ ବୈଜ୍ଞାନିକ ଦଳ ଧାନଚାଷ ନେଇ ସମୀକ୍ଷା କରିଥିଲେ। ବ୍ରହ୍ମପୁରସ୍ଥିତ କୃଷି ବିଜ୍ଞାନକେନ୍ଦ୍ର ସହାୟତାରେ ଭେଜିପୁଟ ଗ୍ରାମ ପରିଦର୍ଶନରେ ଯାଇଥିବା ଏହି ଦଳ କୃଷକଙ୍କଠାରୁ ଚାଷ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ପରିବର୍ତ୍ତିତ ଜଳବାୟୁ ଅନୁକୂଳ ଚାଷ ପ୍ରଣାଳୀକୁ ନେଇ ସେମାନେ ଅନୁଧ୍ୟାନ କରିଥିଲେ। ଶ୍ରୀ ପ୍ରଣାଳୀ ଅନୁଯାୟୀ ଧାନ, ଟମାଟୋ ତଥା ବିଭିନ୍ନ ଲତା ଜାତୀୟ ଫସଲ ଚାଷ ସମ୍ପର୍କରେ କୃଷକଙ୍କ ସହିତ ଆଲୋଚନା କରିଥିଲେ। କମିଟିରେ ବିହାର କୃଷି ବିଦ୍ୟାଳୟର ପୂର୍ବତନ କୁଳପତି ତଥା ପୂର୍ବତନ ଉପମହାନିର୍ଦ୍ଦେଶକ ଡକ୍ଟର ଏ.କେ. ସିଂ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର ସୁରେନ୍ଦ୍ର ନାଥ ପଶୁପାଳକ, କେନ୍ଦ୍ରୀୟ ଶୁଷ୍କ ଭୂମି ଗବେଷଣା କେନ୍ଦ୍ରର ଅଧ୍ୟକ୍ଷ ଡକ୍ଟର ଭି.କେ. ସିଂ ଓ କେନ୍ଦ୍ର ସରକାରଙ୍କ ଅଧୀନ ବିଭିନ୍ନ ଗବେଷଣା କେନ୍ଦ୍ରର ପ୍ରମୁଖ ବୈଜ୍ଞାନିକଗଣ ଏହି ଦଳରେ ଅଛନ୍ତି।

## ମନ୍ତ୍ରିମଣ୍ଡଳର ବୈଠକ

ନିର୍ବାଚନ ପ୍ରତିଶ୍ରୁତିକୁ ପାଳନ ସହ ରାଜ୍ୟରେ ସ୍ୱଚ୍ଛ ଶାସନ ବ୍ୟବସ୍ଥା ଲକ୍ଷ୍ୟରେ ଗତକାଲି ଭୁବନେଶ୍ୱରଠାରେ ରାଜ୍ୟ ମନ୍ତ୍ରିମଣ୍ଡଳର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ବିଭିନ୍ନ ବିଭାଗ ପାଇଁ ୧୦୦ ଦିନିଆ କାର୍ଯ୍ୟଖସଡା ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବିଭାଗୀୟ ରିପୋର୍ଟ ଦାଖଲ କରିବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ ମଧ୍ୟ ବିଭାଗୀୟ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ

ଦେଇଥିଲେ। ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ବିଭାଗୀୟ ମନ୍ତ୍ରୀମାନେ ବୈଠକରେ ଯୋଗ ଦେଇଥିଲେ।

## ମହାପ୍ରୟାଣ ଦିବସ- ସ୍ୱାମୀ ବିବେକାନନ୍ଦ

ସ୍ୱାମୀ ବିବେକାନନ୍ଦଙ୍କର ଆଜି ହେଉଛି ମହାପ୍ରୟାଣ ଦିବସ। ୧୯୦୨ ମସିହା ଆଜିର ଦିନରେ ମାତ୍ର ୩୯ ବର୍ଷ ବୟସରେ ସ୍ୱାମୀ ବିବେକାନନ୍ଦଙ୍କର କୋଲକାତାର ବେଲୁର ମଠରେ ପରଲୋକ ହୋଇଥିଲା। ଆଧୁନିକ ଭାରତର ଆଧ୍ୟାତ୍ମିକ ଜାଗରଣର ଜନକ ତଥା ଯୁବଶକ୍ତିର ଚିରନ୍ତନ ପ୍ରତୀକ ଭାବେ ପରିଚିତ ଏହି ମହାମନୀଷିଙ୍କ ସ୍ମୃତି ପ୍ରତି ସମାଜର ବିଭିନ୍ନ ବର୍ଗରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାମୀଜୀଙ୍କ ସ୍ମୃତିଚାରଣ କରି ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ କୋଟି କୋଟି ଲୋକଙ୍କୁ ଅନୁପ୍ରାଣିତ କରୁଛି। ସ୍ୱାମୀଜୀଙ୍କର ରହିଥିବା ସ୍ୱପ୍ନ ଏବଂ ସମାଜ ପ୍ରତି ଥିବା ଚିନ୍ତାଧାରାକୁ ସାକାର କରିବା ଲାଗି ତାଙ୍କ ସରକାର ପ୍ରୟାସ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ରାଜ୍ୟପାଳ ରଘୁବର ଦାସ ସ୍ୱାମୀ ବିବେକାନନ୍ଦଙ୍କ ସ୍ମୃତିଚାରଣ କରି କହିଛନ୍ତି, ସେ ହିନ୍ଦୁତ୍ୱ ଏବଂ ହିନ୍ଦୁସ୍ତାନର ବାସ୍ତବିକ ସ୍ୱରୂପ ସହିତ ବିଶ୍ୱକୁ ପରିଚିତ କରାଇଥିଲେ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ସମଗ୍ର ବିଶ୍ୱକୁ ଭାରତୀୟ ଜ୍ଞାନ ପରମ୍ପରା, ଦର୍ଶନ ଏବଂ ସନାତନ ସଂସ୍କୃତିର ଆଦର୍ଶରେ ସ୍ୱାମୀ ବିବେକାନନ୍ଦ ଆଲୋକିତ କରିଥିଲେ। ଶିକ୍ଷା ମନୁଷ୍ୟ ସମ୍ପୂର୍ଣ୍ଣତାର ଆଧାର ସ୍ୱାମୀ ବିବେକାନନ୍ଦଙ୍କର ଏହି ଚିନ୍ତାଧାରା ସର୍ବଦା ସ୍ମରଣୀୟ ବୋଲି ସେ କହିଛନ୍ତି।

## ଘଣାଲାଗି ନୀତି

ତ୍ରୟୋଦଶୀ ତିଥିରେ ପୁରୀ ଶ୍ରୀମନ୍ଦିର ଅଣସର ଘରେ ଶ୍ରୀଜୀଉଙ୍କର ଆଜି ଘଣାଲାଗି ନୀତି ଅନୁଷ୍ଠିତ ହୋଇଛି। ଦତ୍ତ ମହାପାତ୍ରଙ୍କ ଘରୁ ଭୋଗମଣ୍ଡପ ନୀତି ପରେ ଖଡି ଆସି ଆଜି ଖଡିଲାଗି ନୀତି ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟରେ ପ୍ରଶାସନିକ ସ୍ତରରେ ସମୀକ୍ଷା କରାଯାଉଛି। ଗହଳିକୁ ନିୟନ୍ତ୍ରଣ କରିବା ସହିତ କୌଣସି ପ୍ରକାର ଅଘଟଣ ପାଇଁ ନିଆଯିବାକୁ ଥିବା ପଦକ୍ଷେପ ଉପରେ ମଧ୍ୟ ସମୀକ୍ଷା କରାଯାଉଛି।

## ସମ୍ପୂର୍ଣ୍ଣତା ଅଭିଯାନ

**ନବରଙ୍ଗପୁର** ଜିଲ୍ଲାରେ ସମ୍ପୂର୍ଣ୍ଣତା ଅଭିଯାନ ଆଜିଠାରୁ ଆରମ୍ଭ ହୋଇଛି। ଡାବୁଗାଁ ବ୍ଲକରୁ ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି। ବିଧାୟକ ମନୋହର ରନ୍ଧାରୀ ଏଥିରେ ଯୋଗଦେଇ  ସମ୍ପୂର୍ଣ୍ଣତା ଅଭିଯାନ ଉପରେ ଆଲୋକପାତ କରିଥିଲେ। ନୀତି ଆୟୋଗ ଦ୍ୱାରା ସ୍ଥିର କରାଯାଇଥିବା ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ ସହ ଭିତ୍ତିଭୂମି ବିକାଶ ଓ ସାମାଜିକ, ଅର୍ଥନୈତିକ ଭଳି ୬ଟି ମାନଦଣ୍ଡକୁ ଅଧିକ କ୍ରିୟାଶୀଳ କରିବା ଉପରେ ଏହି ଅଭିଯାନ ମାଧ୍ୟମରେ

ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି । ଏହି ଅଭିଯାନ ସମ୍ପର୍କିତ ଏକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ଉତ୍କର୍ଷ ପ୍ରତିପାଦନ କରିଥିବା ସ୍ୱୟଂ ସହାୟକ ଦଳର ସଦସ୍ୟଙ୍କୁ ପୁରସ୍କୃତ କରାଯାଇଥିଲା ।

*********************************